# ନବାଗତଙ୍କ ପାଇଁ ଆହ୍ୱାନ

ଆଉ ପାଞ୍ଚଦିନପରେ ଓଡ଼ିଶା ବିଧାନସଭା ପାଇଁ ଦୁଇ ପର୍ଯ୍ୟାୟରେ ନିର୍ବାଚନ ଆରମ୍ଭ ହେବାକୁ ଯାଉଛି । ଗତ ଦେଢ଼ମାସର ପ୍ରଚାର ଅଭିଯାନରେ ପ୍ରାର୍ଥୀ ହିସାବରେ ମୋର ଯେଉଁ ଅନୁଭବ ହୋଇଛି ତାହା ବ୍ୟକ୍ତିଗତ ଭାବେ ମୋତେ କିଛି ପରିମାଣରେ ବିବ୍ରତ କରୁଥିଲେ ମଧ୍ୟ ଆମ ଗଣତନ୍ତ୍ର ପାଇଁ ବିଳମ୍ବରେ ହେଲେ ମଧ୍ୟ ଏକ ନୂତନ ସମ୍ଭାବନାର ସୂଚନା ଯେ ଦେଉଛି ଏକଥାକୁ ସ୍ୱୀକାର କରିବାକୁ ହେବ । ଟି.ଏନ୍. ଶେଷାନଙ୍କର ନିର୍ବାଚନ ଜନିତ କଟକଣାକୁ ଆଉ କେଉଁ ଦୃଷ୍ଟିରୁ କିଏ ମାନୁ ବା ନମାନୁ ପ୍ରଚାର ଶୈଳୀ ଓ ସାମଗ୍ରୀର ବହୁଳ ବ୍ୟବହାରରେ ଯେ ମୌଳିକ ପରିବର୍ତ୍ତନ ଆସିଛି ଏହା ଏବେ ଆମର କାଳୁବାଡ଼ ଏବଂ ରାଜରାସ୍ତା ଏକସ୍ୱରରେ କହୁଛନ୍ତି । ପ୍ରାର୍ଥୀମାନେ ଭୋଟର ଭାଇଭଉଣୀମାନଙ୍କୁ ସିଧାସଳଖ ଭେଟି ନିଜ ସପକ୍ଷରେ ପ୍ରଭାବିତ କରିବା ପାଇଁ ଯଦ୍‌ପରୋନାସ୍ତି ଉଦ୍ୟମ କରୁଛନ୍ତି । ଏ ଦୃଷ୍ଟିରୁ ଧନବଳର ଖୋଲାଖୋଲି ପ୍ରୟୋଗ କିଛି ପରିମାଣରେ ନିୟନ୍ତ୍ରିତ ହୋଇଛି । ନିର୍ବାଚନ ତାରିଖ ଘୁଞ୍ଚିଯିବା ଫଳରେ ଅଧିକ ସମୟ ମିଳିଥିବାରୁ ଏହି ସଂପର୍କ ଯୋଜନାରେ ତାହା ସହାୟକ ହୋଇଛି । ତେବେ ସରକାରୀ କଳର ଅପବ୍ୟବହାର ଖୋଲାଖୋଲି ଭାବେ ଚାଲିଛି । ପ୍ରତିଦ୍ୱନ୍ଦ୍ୱୀମାନେ ସରଳ ଅଥଚ ଗରିବ ଲୋକଙ୍କର କିଛିଟା କାମ ନିର୍ବାଚନଚାପରେ ହୋଇଥିବାରୁ ଏହାକୁ ସାହସ କରି ବିରୋଧ କରିପାରୁ ନାହାନ୍ତି । ଏ କ୍ଷେତ୍ରରେ ପର୍ଯ୍ୟବେକ୍ଷକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ଧନବଳର ଖୋଲାଖୋଲି ପ୍ରୟୋଗ ସିନା କିଛି ପରିମାଣରେ ନିୟନ୍ତ୍ରିତ ହୋଇଛି, କିନ୍ତୁ ରାତିଅଧିଆ ଲୁଚାଚୋରାରେ ଧନବଳ ପ୍ରୟୋଗକୁ ନିୟନ୍ତ୍ରଣ କରିପାରିବ କିଏ ? ସାଧାରଣ ଭୋଟର ଭାଇଭଉଣୀଙ୍କର ସଚେତନତା ଏବଂ ସ୍ୱାଭିମାନ ହିଁ ଏହାର ଏକମାତ୍ର ପ୍ରତିକାର ।

## ଆମ ଘରର ହାଲଚାଲ

ସୌମ୍ୟରଂଜନ ପଟ୍ଟନାୟକ

ଏ ନିର୍ବାଚନ ପ୍ରଚାରର ସବୁଠାରୁ ଉଲ୍ଲେଖନୀୟ ଅନୁଭୂତି ଯାହା ଆମ ପରି ନବାଗତ ମାନଙ୍କୁ ବିବ୍ରତ କରୁଛି ତାହାହେଲା ଆମ ରାଜନୈତିକ ନେତାମାନଙ୍କୁ କେହି ବିଶ୍ୱାସ କରୁନାହାନ୍ତି । ନିର୍ବାଚନମଣ୍ଡଳୀର ସବୁ ଅଞ୍ଚଳରେ ଦଳମତ ଓ ବର୍ଗ ନିର୍ବିଶେଷରେ ଗୋଟିଏ ପରିଷ୍କାର ମତ ପ୍ରକାଶ ପାଉଛି, ନିର୍ବାଚନ ସମୟରେ ଲୋକପ୍ରତିନିଧିମାନେ ଭୋଟ ମାଗିବା ପାଇଁ ଆସନ୍ତି । ମିଠା ମିଠା ପ୍ରତିଶ୍ରୁତି ଦେଇ ଭୋଟ୍ ନିଅନ୍ତି । ଅଥଚ ନିର୍ବାଚନରେ ଜିତିବା ପରେ ସେ ଆଉ ଦେଖା ଦିଅନ୍ତି ନାହିଁ । ପୁଣି ନିର୍ବାଚନ ଆସିଲେ ଯାଇ ତାଙ୍କର ଦର୍ଶନ ମିଳେ । ଜଣେ ନବାଗତଙ୍କ ପାଇଁ ଏହାଠାରୁ ବଡ଼ ଆହ୍ୱାନ ଆଉ କଣ ହୋଇପାରେ ! ଆମେ ଯେ ଅନ୍ୟ ପ୍ରତିନିଧିମାନଙ୍କ ଭଳି ପ୍ରତାରକ ହେବୁ ନାହିଁ, ପ୍ରତିଶ୍ରୁତି ପାଳନ କରିବୁ · ନିଜ ନିର୍ବାଚନ ମଣ୍ଡଳୀ ପାଇଁ ଅଧିକ ସମୟ ଦେଇ ଏହାର ସମସ୍ୟା ଗୁଡ଼ିକ ସହିତ ସଂପୃକ୍ତ ହୋଇ ଏ ଅଞ୍ଚଳ ପାଇଁ ପ୍ରକୃତରେ କିଛି କରିବା ପାଇଁ ଚେଷ୍ଟା କରିବୁ ଏବଂ ମୋଟାମୋଟି ଭାବେ ଅନ୍ୟମାନଙ୍କଠାରୁ ଭିନ୍ନ ତଥା ଭୋଟର ମାନଙ୍କ ମନଲାଖି ପ୍ରତିନିଧି ହେବୁ- ଏ କଥା ବିଶ୍ୱାସ କରିବାକୁ ଅନେକେ ପ୍ରସ୍ତୁତ ନୁହନ୍ତି । ମୋ ବିଚାରରେ ବିଜୁବାବୁଙ୍କୁ ପରାସ୍ତ କରିବା ଯେତେ ବଡ଼କଥା ନୁହେଁ, ଭୋଟର ଭାଇ ଭଉଣୀଙ୍କର ବିଶ୍ୱାସ ଫେରେଇ ଆଣିବା ତାଠୁଁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହାହିଁ ମୋ ପାଇଁ ସବୁଠାରୁ ବଡ଼ ଆହ୍ୱାନ ।

ଏ ଆହ୍ୱାନ ମୋତେ କିଛିଟା ବିବ୍ରତ କରୁଥିଲେ ମଧ୍ୟ ଅନେକେ ଏକସ୍ୱରରେ ନିର୍ବିକାର ଭାବରେ କଥାଟିକୁ ପରିଷ୍କାର କହୁଥିବା ଦୃଷ୍ଟିରୁ ନିର୍ବାଚନ ଫଳାଫଳରେ ଏହା ଯେ ପ୍ରତିଫଳିତ ହେବ ଏ ବିଶ୍ୱାସ ମୋର ହେଉଛି । ଏହା ପ୍ରତିଫଳିତ ହେଲେ ଆମ ଗଣତନ୍ତ୍ର ପାଇଁ ଏକ ନୂତନ ସମ୍ଭାବନାର ଦ୍ୱାର ଫିଟିବ । ଧନବଳ ବା ସରକାରୀ କଳ ଉପରେ ନିର୍ଭର ନକରି ସ୍ୱାଭାବିକ ନେତୃତ୍ୱର ବିକାଶ ଘଟିବ । ଏହି ନିର୍ବାଚନ ଏ ଶତାବ୍ଦୀର ଶେଷ ନିର୍ବାଚନ । ଆସନ୍ତୁ, ଏ ନିର୍ବାଚନରେ ବହୁ ସଂଖ୍ୟାରେ ଭାଗନେବା, ଆମ ସ୍ୱାଭିମାନ ଓ ସଚେତନତାର ପ୍ରମାଣ ଦେବା । ଆମ ଭୋଟ୍‌କୁ ବିକିବା ନାହିଁ ବରଂ ଯେଉଁମାନେ ଏହାକୁ କିଣିବା ପାଇଁ ଉଦ୍ୟମ କରିବେ ତାର ଠିକଣା ଜବାବ ଦେବା । ଏକ ସଂସ୍କୃତ, ପରିବର୍ତ୍ତିତ ଓ ସମ୍ଭ୍ରାନ୍ତ ମୂଲ୍ୟବୋଧକୁ ନେଇ ଆଗାମୀ ଶତାବ୍ଦୀକୁ ସ୍ୱାଗତ କରିବା ।